# ପାପ

ଅଧାବାଟରେ ହୋଇଛି, ବୁନୁର ମନେ ପଡ଼ିଲା ଯେ ସେ କିଛି ନଖାଇ ସକାଳୁ ସ୍କୁଲ ଚାଲି ଆସିଛି । ମନେ ପଡ଼ିବା ଓ ପେଟ ଚୁଡ୍ ଚୁଡ୍ ହୋଇ ଜଳିଲା । କେମିତି ଖାଇବାକୁ ଦେଲାନି ବୋଉ ?

ଆଖି ଢଳେଇ ଆସିଲା ତା'ର । ମାଗିଛି ନା ନାହିଁ ସେ ? ମାଗିଛି ତ ! କ'ଣ ଉତ୍ତର ଦେଇଥିଲା ବୋଉ ? କିଛି ଘରେ ନାହିଁ ଏଇଲେ । ଯା, ଯା ସ୍କୁଲରୁ ଫେର୍, ପଖାଳ, ଆଳୁପୋଡ଼ା କରି ରଖିଥିବି ।

- ପଖାଳ, ଆଳୁପୋଡ଼ା !

ପାଟି ନାଳେଇ ଆସିଲା ବୁନୁର । ପଖାଳ, ଆଳୁପୋଡ଼ା ସକାଳୁ ହୋଇ ପାରିଲା ନାହିଁ କାହିଁକି ? ସକାଳମାନେ କେତେ ସକାଳ ? ସାଢ଼େ ନଅଟାରେ ସ୍କୁଲ । ସେ ସାତଟାରେ ଉଠିଛି । କେମିତି ଜାଣିଲା ବୁନୁ ? ଘର ପଛପାଖ କାନ୍ଥରେ କୋଉଠି ଖରା ପଡ଼ିଲେ ସାତଟା ଓ କୋଉଠି ଖରା ଛୁଇଁଲେ ନଅଟା ସେ ଜାଣିପାରେ । ସ୍କୁଲରୁ ଫେରିଲା ବେଳ ଦିନ ଗୋଟାଏ । ବାସ୍ ଏତିକି ଶିଖେଇ ଦେଇଛି ବୋଉ ।

- ହେଲେ ଖାଇବାକୁ କିଛି କେମିତି ନଦେଲା ବୋଉ ?

କାଲି ରାତିରେ କ'ଣ ଖାଇଛି ସେ — ମନେ ପଡୁନାହିଁ । ସନ୍ଧ୍ୟାବେଳୁ ସେ ଶୋଇ ପଡ଼ିଥିଲା । ଝାପ୍‌ସା ମନେପଡୁଛି- ବୋଉ କେତେବେଳେ ଉଠେଇ ଟିକିଏ ଉଷୁମ ଚଳଚିଆ ଜିନିଷ କ'ଣ ପିଆଇ ଦେଇଥିଲା । ପାଟି ସୁଆଦ ତ ଛାଡ଼, ପେଟ ବି ପୂରିନି ।

ମୋଡ଼ି ହେଲା ବୁନୁର ପେଟ । ଛାଡ଼, ଆଉ ସ୍କୁଲ କିଏ ଯିବ ? ଘରକୁ ଫେରିଲା ସେ । ବାପା କାମ ଖୋଜି ଯାଇଛି । ତଳ ଭାଇଭଉଣୀ ଦି'ଟା ଦିଶୁନାହାନ୍ତି । ବୋଉ କୋଳର ଛୁଆ ଝୁନୁକୁ ଧରି ବସିଛି । ଦୁଧ ପିଆଉଛି ବୋଧେ ! "ବୋଉ, ମାନୁ, କୁନୁ କୁଆଡେ ଗଲେ ?"

"କେଜାଣି ? କୋଉଠି ଖେଳୁଥିବେ ଧୂଳିରେ ।'' ବୋଉର ନିର୍ଲିପ୍ତ ଉତ୍ତର ଥିଲା । ପିଣ୍ଡାତଳର ଜଦାଧାରକୁ ଚାହିଁ ଥିଲା ସେ ।

"ଭୋକ ଲାଗୁଛି, ଖାଇବି କ'ଣ ?'' ବୁନୁ ଧୀର ଭାବରେ କହିଲା ।

ଚମକି ପଡ଼ିଲା ପରି ହେଲା ବୋଉ, "ଆରେ ତୁ କ'ଣ ଇସ୍କୁଲ ଗଲୁନି କି ? ତୋତେ ଯିବାକୁ କହିଥିଲା ପରା ?''

"ହଁ ଯେ, ମୁଁ ଜଳଖିଆ ଖାଇନି । ଚାଲି ଆସିଲି । ଖାଇକି ଯିବି ।''

“ "କ'ଣ ? ପଢ଼ା ତୋ ପାଇଁ ବସିଥିବ ? ଅଲକ୍ଷଣା ଟୋକା । କ'ଣ ଖାଇବୁ ? କିଛି ନାହିଁ ଆଜି । ଯା ଯା ଇସ୍କୁଲ ଯା, ନହେଲେ ମରେ କୋଉଠି, '' ବୋଉ ବିଡ଼୍ ବିଡ଼୍ ହେଲା ଏଗୁଡାକ ମୋତେ ଖାଇଯିବେ . . . ।

ବୁନୁ ଆଡକୁ ଚାହିଁଲା ବୁନୁ । ପରମ ତୃପ୍ତିରେ ଶୋଷି ଶୋଷି ଦୁଧ ପିଇଯାଉଛି ସେ । ଭାରି ରାଗ ହେଲା ବୁନୁର ତା' ଉପରେ । ଇଛା ହେଲା ତାକୁ ଟାଣି ଆଣି କଚାଡି ଦିଅନ୍ତା ଓ ନିଜେ ସେଠି ମୁହଁ ଲଗାଇ ଚଁଅ ଚଁଅ ପିଇଯାଆନ୍ତା । ପର ମୁହୂର୍ତ୍ତରେ ଭାଙ୍ଗି ପଡିଲା ସେ । ଛିଃ ଛିଃ କି ଲାଜ କଥା ! ବୋଉ ସବୁବେଳେ କହୁଛି ସେ ବୁଢ଼ା ହୋଇଗଲାଣି — ତାକୁ ଦଶବର୍ଷ ହୋଇ ଗଲାଣି । ଆଉ ସେମିତି କ'ଣ ସେ ପିଇପାରିବ ?

ତେବେ ଦୁଧ କେମିତି ଲାଗୁଥିବ ବୁନୁକୁ ? କେବେ ଦୁଧ ପି'ଥିଲା ବୁନୁ କେଜାଣି ? ସ୍ୱାଦ ମନେ ନାହିଁ ତା'ର । କିନ୍ତୁ ଭାରି ଭଲ ଲାଗୁଥିବ ନିଶ୍ଚୟ । ଆଉ ଥରେ କଣେଇକି ବୁନୁ ଆଡେ ଚାହିଁଲା ବୁନୁ ଓ ଚଟ୍‌କରି ମୁହଁ ବୁଲେଇ ଦେଲା । ଥାଉ ତା' ନିଜ ସାନ ଭଉଣୀଟା - ଦୃଷ୍ଟିଆ ହୋଇଯିବ ।

ବୋଉ ତାକୁ ଭୁଲିଯାଇ, ଦିଶୁନଥିବା କାହା ସଙ୍ଗେ କଥା ହେବା ଢଙ୍ଗରେ କାନୁକୁ ଅନେଇଛି । ବାଡିଆଡକୁ ପଳେଇଲା ବୁନୁ । ମାନୁ ଓ କୁନୁ ତଳେ ବସି ଖେଳୁଛନ୍ତି । ଝାମ୍ପୁରୀମୁଣ୍ଡି ମାନୁ ତାକୁ ଦେଖିଲାକ୍ଷଣି ପାଟି କରି ଉଠିଲା , ଆରେ ଭାଇ ଆ , ଖାଇବୁ ଆ !

ବୁନୁ ଚାହିଁଲା ତାକୁ । ବାଁ ନାକରୁ ଧାରେ ସିଂଘାଣୀ ବୋହୁଛି । ଡାହାଣ ଗାଲରେ ମେଞ୍ଚାଏ ଧୂଳି ବୋଳି ହୋଇଛି । କହରା କୁଞ୍ଚୁକଣିଆ କଟାବାଳରେ ମୁଣ୍ଡ ପଛକୁ ରବରଟେ ବନ୍ଧା ହୋଇଛି । ଗୋଟାଏ କାନ୍ଧରୁ ଖସି ପଡୁଛି ୍ରକ୍, ମାନୁଠାରୁ ଯଥେଷ୍ଟ ବଡ ଆଉ କାହାର — ବୋଉ ମାଗି ଆଣିଥିବ । ଯେମିତି ତା'ର ପ୍ୟାଣ୍ଟ୍ । ପ୍ୟାଣ୍ଟ୍ ଆଡକୁ ହାତ ଚାଲିଗଲା ବୁନୁର । ଗୋଟିକିଆ ଗଣ୍ଠିକୁ ଆଉ ଟିକିଏ ଜୋର୍ କରି କଷିଦେଲା ସେ ଓ ମାନୁ ଇସାରା କରୁଥିବା ଖାଦ୍ୟକୁ ଚାହିଁଲା । ତିନି ଚାରିଟି ଖପ୍ପରରେ ରଖାଯାଇଛି ବାଲିଗରଡା, ଟଗର ୍ଲ, ଟିକି ଟିକି ଟୁକୁରା କରା ହୋଇଥିବା ପତ୍ର । ପାଖରେ ସାରୁ ପତ୍ରଟେ ।

“ "ଏଇଟା ଭାଇ ଖାଇବ,'' ଖପ୍ପରରୁ କାଢ଼ି ବାଲିଗରଡା, ଟଗରଫୁଲ ଓ ପତ୍ରରୁ ଟିକିଏ ଟିକିଏ ସାରୁପତ୍ର ଉପରେ ରଖିଲା ମାନୁ ଓ ବୁନୁକୁ ଆଗ୍ରହରେ ଚାହିଁଲା ।

“ "ଚୋପ୍ , ପାଗଳୀ !'' ତା ' ମୁଣ୍ଡରେ ମୁଥିଟିଏ ମାଇଲା ବୁନୁ ଓ ସେଠାରୁ ଧାଇଁ ପଳାଇଲା । ଟିକିଏ ଆଗକୁ ଯାଇ ପୋଖରୀ କୂଳରୁ ମୁହଁ ବୁଲେଇ ଦେଖିଲା ଝାମ୍ପୁରୀମୁଣ୍ଡି ମାନୁ ଦୁଇ ପାପୁଲିରେ ଆଖି ମଳି ହେଉଛି ।

ଯେତେବେଳେ ଘରେ କିଛି ଖାଇବାକୁ ନ ଥାଏ, ସେତେବେଳେ ଏତେ ଜୋର୍‌ରେ ଭୋକ ହୁଏ କାହିଁକି ? କାଲି ରାତିରେ ତ ସେ ପ୍ରାୟ କିଛି ନଖାଇ ଶୋଇ ପଡିଥିଲା । କାଇଁ ଭୋକ ହେଲାନି ତ ! ଏଇ ଭୋକ ବି ବଡ ଅଦ୍ଭୁତ ! ଯେତେ ମନରୁ କାଢ଼ିବାକୁ ଚେଷ୍ଟା କଲେ ବି ଜବରଦସ୍ତି ମାଡି ବସୁଛି । ଭୋକ ଛଡା କିଛି ମନେ ପଡୁନି ଆଉ । ପୋଖରୀ କୂଳକୁ ଗଲା ବୁନୁ । କେହି ସାଙ୍ଗ ଆଉ ଗାଁରେ ନାହାନ୍ତି । ପ୍ରାୟ ସମସ୍ତେ ସ୍କୁଲ ଯାଇଛନ୍ତି । ତୁଠ ପାହାଚରେ ବସି ଗୋଟିଏ ଗୋଟିଏ ଗୋଡି ପାଣିକୁ ପକାଉଥିଲା ବୁନୁ । ଏଇ ପୋଖରୀରେ କୁଆଡେ ବହୁତ ମାଛ ! କେତେଦିନ ତଳେ ଗୋଟିଏ ଢନ୍ଦାଳ ହୋଇଥିଲା ଗାଁରେ । ମାଛଧରା ହେବ ବୋଲି ସିଏ ଓ ତା'ର ସବୁତକ ସାଙ୍ଗ ଏଇଠି ରୁଣ୍ଡ ହୋଇଥିଲେ । ସକାଳ ପହରଟା ମାଛଧରା ଚାଲିଲା ।

ଗୋଟାକୁ ଗୋଟା ବାଳିଆ, ଶେଉଳ, ଭାକୁଡ ମାଛ ଓ ଛୋଟ ଛୋଟ କେତେ ପ୍ରକାର ମାଛ ! ଛୋଟ ଛୋଟ ମାଛ ଗୁଡାକ କେଉଟ ଜାଲରୁ କାଢ଼ି ପାଣିରେ ଛାଡି ଦେଉଥିଲା । ବୁନୁ ଆଉ ତା' ସାଙ୍ଗମାନେ ଯେତେ ମାଗିଲେ ବି ଗୋଟାଏ ହେଲେ ଦେଉନଥିଲା । ଦି'ପହର ଗଡିଗଲା ପରେ ସବୁତକ ମାଛ ମଣ୍ଡପ ଉପରେ ଶୁଆଇ ଦିଆଗଲା । ତା'ପରେ ଭାଗ ହେଲା । ପାଟିତୁଣ୍ଡ, କଳିକଜିଆ ବି ହେଲା । ଗାଁର ସବୁ ଘରକୁ କଟାହୋଇ ବା ଗୋଟା ମାଛ ଦିଆଗଲା । ତାଙ୍କ ଭାଗରେ ଗୋଟାଏ ବଡ ଶେଉଳ ମାଛ ପଡିଥିଲା । ବାପା ଯଦିଓ ଭାକୁଡ ମାଛ କାହିଁକି ମିଳିଲାନି - ଅସନ୍ତୋଷ ଦେଖେଇଥିଲା, କିନ୍ତୁ ଶେଷକୁ ସେଇ ବଡ ଶେଉଳ ମାଛ ନେଇ ଘରକୁ ଫେରିଥିଲା, ସାଙ୍ଗରେ ବୁନୁ ଓ ତା'ର ଭାଇଭଉଣୀ ମଧ୍ୟ । ବୋଉ ତାକୁ ନେଇ କାଟି ତରକାରି କରି ସାରିଲା ବେଳକୁ ବେଳ ରତରତ । ଭାତ ସକାଳ ପହରୁ ରନ୍ଧା ହୋଇ ରହିଥିଲା । ସେମାନେ କେତେ ଖୁସିରେ ଭାତ ଡେକ୍‌ଚି ଓ ମାଛ ତରକାରି କଡେଇକୁ ଘେରିଯାଇ ଖାଇ ବସିଥିଲେ, ମନେ ପଡିଗଲା ବୁନୁର । ପାଟିକୁ ଲାଳ ଆସିଗଲା ତା'ର । ଆଃ ! କି ଆନନ୍ଦର ଦିନ ଥିଲା ସେ ! ବାପା ବି କାମକୁ ଯାଇ ନଥିଲା । ମାଛ ତରକାରି ଖାଇବ ବୋଲି ରହିଯାଇଥିଲା ।

ଗୋଟାଏ ବଡ ମାଛ ବାହାରି ହାତ ପାଖକୁ ଆସି ଯାଆନ୍ତାନି — ସେ ଚଟ୍‌କରି ଧରିନେଇ ଯାଇ ବୋଉକୁ ଦିଅନ୍ତା ରାନ୍ଧି ଦେବାପାଇଁ ! କିନ୍ତୁ କିଛି ସେମିତି ହେଉନାହିଁ । ବିରକ୍ତିରେ ମନ ବିଷେଇ ଗଲା ବୁନୁର ।

ହଠାତ୍ କ'ଣ ଯେମିତି ମନେ ପଡିଗଲା ପରି ଉଠି ପଡିଲା ବୁନୁ ଓ ସିଧା ସିଧା ଘରଆଡେ ଚାଲିଲା, ""ବୋଉ ଭାତ ହେଲାଣି ?'' ବୋଉ ଆଡକୁ ନ ଚାହିଁ ଗୁରବି ଢ଼ଙ୍ଗରେ ପଚାରିଲା ବୁନୁ ।

""କି ଭାତ କିରେ ? ଦିନ ଦଶଟା ବେଳେ କ'ଣ ଭାତ ମାଗୁଛୁ ? କିଛି ହେବାର ନାଇଁ ଏବେ । ଯା, ଯା, ଘର ଗୋଟାକର କାମ ପଡିଛି ମୋର, ଇଏ ଆଇଲା '' . . . ବୋଉ କ'ଣ କ'ଣ କହି ଚାଲିଥିଲା ।

""ସେଇ ଧାନର ଚାଉଳ କୁଆଡେ ଗଲା ? ମୋ ଧାନର ?'' ବୁନୁ ବୋଉର କଥା ନ ଶୁଣିଲା ପରି ଗମ୍ଭୀର ହୋଇ ପଚାରିଲା । ଏଥର ବି ବୋଉ ମୁହଁକୁ ଚାହିଁ ନଥିଲା ସେ । ତାକୁ ଭିତରେ ଭିତରେ ଡର ମଧ୍ୟ ଲାଗୁଥିଲା କାଳେ ବୋଉ ପୁଣି ସ୍କୁଲ ଯିବା କଥା କହିବ ।

""କୋଉ ଧାନ ? ଭାରି ଗୋଟାଏ କ'ଣ ମନେ ପକାଇଲା ପରି କହୁଛି ?'' ବୋଉ ତା'ର ଏଥର ଆମୋଦିତ ହେଲା ପରି ଲାଗୁଥିଲା ।

""କାହିଁକି ? ସେଇ ଯୋଉ ଧାନ - ମୁଁ ଗୋଟେଇ କି ଆଣିଥିଲି । ଧାନ କଟା ବେଳେ ମାହାନ୍ତି ଘର ଗୋହିରିରୁ , ସେ ମୋ ଧାନ - ସେଇ ଚାଉଳର ଭାତ କରି ଦେ ମୋତେ ଏବେ ।'' ଏଥର ଆହୁରି ଗମ୍ଭୀର ସ୍ୱରରେ ନ୍ୟାୟ ପାଇବା ଆଶାରେ କହିଲା ବୁନୁ । ବୋଉ ବୋଧହୁଏ ସ୍କୁଲ କଥା ଭୁଲି ଯାଇଛି — ବୁନୁର ସାହସ ବଢ଼ିଗଲା ।

ଠୋ ଠୋ ହୋଇ ହସିଲା ପ୍ରଥମେ ତା' ବୋଉ । ମିନିଟିଏରେ ଚୁପ୍ ହୋଇଗଲା ଓ ଚିହିଙ୍କି ଆସିଲା ବୁନୁ ଆଡକୁ ।

""କିରେ ! ଭାରି ତ ସାହସ ହୋଇଗଲାଣି ତୋର ! କିଲେ ଖଣ୍ଡେ ହେବ କି ନାଇଁ ଧାନ ଗୋଟେଇ ଆଣିଥିଲୁ, ଦଶଦିନ ଲାଗି । ଛଅମାସ ଖଣ୍ଡେ ହେଲାଣି । ତା'ରି ଚାଉଳ ଏବେ ଅଛି, ତୁ ଗୁଣ୍ଡା ଗିଳିବୁ ? ଆଉ ଦିନ ରାତି ପାଞ୍ଚପ୍ରାଣୀ କୁଟୁମ୍ବ ଯୋଉ

ଭାତ ଗେଫୁଛ, କୋଉଠୁ ଆସିଲା ସିଏ ? କହିଲା କ'ଣ ନା ମୋ ଧାନ - ସେଇ ଧାନର ଚାଉଳ ! ତାଖଣ୍ଡକ ଟୋକା, ସାହସ ଦେଖ ଯ୍ୟା'ର ! ଯାଉଛୁ ଏଠୁ ନା କାଠ ଫାଳିଆରେ ପାହାରେ ଦେବି । ଦି'ପହର ଆଗରୁ ଭାତ ଫାତ କିଛି ନାଇଁ, ବୁଝିଲୁ ?'' ଶେଷ ଆଡକୁ କେମିତି ହତାଶିଆ ଦୁର୍ବଳ ଶୁଭିଲା ବୋଉର ସ୍ୱର । କ'ଣ ବୁଝିଲା କେଜାଣି ବୁନୁ, ବୁଲିପଡି ବାଡିବାଟ ଦେଇ ପଦାକୁ ଦୌଡି ଚାଲି ଆସିଲା ସେ ।

ପ୍ରକୃତରେ କ'ଣ କରିବ ବୋଉ ? ବୁନୁ ନିଜେ ଜାଣିଛି ଯେ ଘରେ କିଛି ନାହିଁ ଖାଇବାକୁ । ବାକି ଦେବାକୁ ମଧୁସାଉ ମନା କରିଦେଇଛି । ସେ ନିଜେ କେତେଥର ତା' ଦୋକାନକୁ ଯାଇ ଫେ'ରିଲାଣି । ବୋଉ ପଚାରିବ - କିରେ, ନେହୁରା ହୋଇ କହିଲୁ ତ ? କହିଲୁ ନା ନାଇଁ ଦୁଇଦିନ ପରେ ପଇସା ଦେଇଦେବି । ଦୁଇ କିଲେ ନ ହେଲେ ନାଇଁ କିଲେଟାଏ ବି ଦେଲା ନାଇଁ ସିଏ ! ବୋଉ ସ୍ୱରର ସେ ହତାଶପଣ ଆଜି ମଧ ଶୁଭିଗଲା ତାକୁ ।

ଛକ ଉପର ଗୁଡିଆ ଦୋକାନ ଆଡକୁ ଗୋଡ ଦୁଇଟି ଟାଣିନେଲା ବୁନୁକୁ । ସେ ଜାଣିଥିଲା ସେଠିକୁ ଯାଇ କିଛି ଲାଭ ନାହିଁ । ଆହୁରି ଭୋକ ବଢ଼ିବ ଭଲ ଜିନିଷ ଦେଖି । କିନ୍ତୁ କେଜାଣି କାହିଁକି ନିଜ ଅଜାଣରେ ଟାଣି ହୋଇ ଚାଲିଲା ସେ ଆଡେ । ଦୋକାନ ଆଗରେ ଯାଇ ଛିଡା ହେଲା । ସାମନାରେ ବଡ ରସ ଥାଳିଆରେ ବାର ଚଉଦଟି ବରା ଓ କିଛି ପକୁଡି ପଡିଛି । ସକାଳେ ଛଣା ହୋଇଥିଲା ବୋଧହୁଏ, ବିକ୍ରି ହୋଇ ପାରିନାହିଁ, ଏତକ ରହି ଯାଇଛି । ହଃ ! ଖରାବେଳ ହୋଇଗଲାଣି - ଆଉ କୋଉ ବରାପକୁଡି ବିକ୍ରି ହେବ ? ଲୋକେ ଘରକୁ ଯିବେ ଭାତ ଖାଇବାକୁ । ଏତକ ନିଶ୍ଚୟ ବଳିଯିବ ଓ ଜଗୁଆନ୍ନା କାହାକୁ ଡାକି ଦେଇଦେବ ଭାବିଲା ମନେମନେ ବୁନୁ ଓ ଏକଲୟରେ ସେଇ ଥାଳିଆକୁ ଚାହିଁ ରହିଲା ।

''କିରେ, କ'ଣ ସ୍କୁଲ ଯାଇନୁ ? ଦୋକାନଟା ଆଗରେ କାଇଁ ଠିଆ ହେଇଛୁ ? ଯା, ବାହାର ଏଠୁ,'' ପାଟି କଲା ଜଗୁଆନ୍ନା ।

ବୁନୁ ଘୁଞ୍ଚିଲା ନାହିଁ । ଥରେ ସେଇ ଥାଳିଆକୁ ଓ ଥରେ ଜଗୁଆନ୍ନାକୁ ଚାହିଁଲା । ଜଗୁଆନ୍ନା ଚାହା ପାଇଁ ପାଣି ବସାଉଛି, କେଟିଲିରେ । ଦୋକାନ ବେଞ୍ଚରେ ଖାଲି ଦୁଇଟା ଲୋକ — ଜଣେ ଚାହା ଗ୍ଲାସଟେ ଧରିଛି - ଆର ଜଣକର ହାତ ଖାଲି । ଏଇ ଖାଲି ହାତ ଲୋକ ପାଇଁ ବୋଧେ ଜଗୁଆନ୍ନା ଚାହା ବସେଇଛି । କିନ୍ତୁ ସେମାନେ କ'ଣ ଏଇ ଥଣ୍ଡା, ବାସି ବରାପକୁଡି ଏଇଲେ ଖାଇବେ ? ଜମା ନୁହେଁ, ଭାବିଲା ବୁନୁ । ମାଗିବ କି ଦି'ଟା ବରା — ବୁନୁର ତଣ୍ଟି ପାଖରେ କଥା ଅଟକି ଗଲା ।

''ଯାଉଛୁ ନା ଏଇଲେ ଦେଖିବୁ ? ସ୍କୁଲ ନଯାଇ ଏଇଠି ଧାଉଡି ଦେଲାଣି । କଉଚି ରହ ତୋ ବାପକୁ'' ଅତ୍ୟନ୍ତ ରାଗରେ ଚାହା କେଟିଲିଟିକୁ କଚି ଦେଇ ଜଗୁଆନ୍ନା ଉଠି ଠିଆ ହୋଇ ପଡିଲା । ନାଲି ଗାମୁଛା ଉପରେ ତା' କଳା ଅଇଣ୍ଠିଆ ପେଟଟି ଆହୁରି ବାହାରି ପଡିଲା ।

କେମିତି ଘଉଡାଇ ଦେଲା ଦେଖ ! ବୁନୁ ଦଉଡି ପଳେଇ ଆସୁ ଆସୁ ଭାବୁଥିଲା । ସମସ୍ତେ କହୁଛନ୍ତି ସ୍କୁଲ ଯାଅ । କେହି କହୁଛି କି ତୁ ତ ଖାଇନୁ, ତୋର ଜାମାପ୍ୟାଣ୍ଟ୍ ନାହିଁ ଚଟି ନାହିଁ, ବହିଖାତା ବସ୍ତାନି ତ ଚିରା କୋଟଟା କେତେକା ପୁରୁଣା, କେମିତି ଯିବୁ ?

ସ୍କୁଲ କ'ଣ ସେ ଯାଉନଥିଲା ।

ତୃତୀୟ ଶ୍ରେଣୀ ହେଲା ତା'ର - ଦ୍ୱିତୀୟ ପାଶ୍ କରିଛି । ଗତବର୍ଷ ଖରାବେଳେ ଖେଚେଡି ଖାଇବାକୁ ଦେଉଥିଲେ ସ୍କୁଲରେ । ସେତେବେଳେ ପ୍ରତିଦିନ ସ୍କୁଲକୁ ଯାଉଥିଲା । ପେଟଭର୍ତ୍ତି ଖେଚେଡି ଖାଇ ଫେରୁଥିଲା ଖୁସିମନରେ । ଏବେ ଛଅମାସ ହେଲାଣି କାହିଁକି କେଜାଣି ସବୁ ବନ୍ଦ । ତା' ପୂର୍ବବର୍ଷ ମିଳୁଥିଲା ବଡ ବଡ 'ଲୁଚ୍ଚା ପାଉଁରୁଟି । ଓଃ ! କି ସୁଆଦ ସେ ! ଛେନା ପରିକା । ସଳଖ ଦାଣ୍ଡ ଛାଡି ଗୋହିରି ରାସ୍ତା ଧରିଲା ବୁନୁ ।

ଠିକ୍ ବିଲ ସରନ୍ତା ବୁଦାଟେ ଅଛି । ସେଇଠି ଅଟକି ଗଲା ସେ । କ'ଣ ଟେ ? ବୁଦାର ଟିକିଏ ପାଖେଇ ଆସିଲା ବୁନୁ । ଆରେ ଇଏତ କୁକୁଡାଟେ - ଦାନା ଖୋଳୁଛି ଏପଟସେପଟ ହୋଇ — ଏକୁଟିଆ - ନାଲି ମାଈ କୁକୁଡା ! ଏଇଠି ଏକୁଟିଆ କେମିତି ? ତା' ସାଙ୍ଗମାନେ କୁଆଡେ ଗଲେ ? ଏପଟ ସେପଟକୁ ଚାହିଁଲା ବୁନୁ । ନା, କେହିଁ ନାହିଁ । କୌତୁହଳରେ ଟିକିଏ ଦୌଡିଗଲା ତା'ଆଡକୁ ବୁନୁ । ପ୍ରଥମେ ତା'କୁ ଖାତିର ନକରି ନାଲି କୁକୁଡାଟି ମାଟି ଭିତରୁ ଖାଦ୍ୟ ଖୋଜି ଚାଲିଲା, କିନ୍ତୁ ବୁନୁ ବେଶି ପାଖେଇ ଆସିବାରୁ ଖଣ୍ଡେ ବାଟ ଦୌଡିଗଲା । ବୁନୁ ପୁଣି ତା' ପାଖକୁ ଆସିବାକୁ ଚେଷ୍ଟାକ କଲା । କୁକୁଡାଟି ଏପଟ ସେପଟ ହୋଇ ଦୌଡିଗଲା । ବୁନୁର ଆଗ୍ରହ ବଢ଼ିଗଲା । ଏଥର ଟିକିଏ ଛକା ପଞ୍ଝା ଖେଳି ବୁନୁ ସତର୍କ ହୋଇ ତା'ର ପିଛାକଲା । ନାଲିକୁକୁଡାଟି ମଧ ଆଖିକୋଣରେ ତା'କୁ ଦେଖିବାକୁ ଲାଗିଲା । ବୁନୁ, ବୁଦା ପଛପଟକୁ ଚାଲିଗଲା ଓ ବୁଦା ଆଢୁଆଳରେ ନିଜକୁ ଲୁଚାଇ ପାଦେପାଦେ ଆଗେଇ ଆସିଲା । କୁକୁଡାଟି ଏଥର ସ୍ଥିର ହୋଇ ଠିଆ ହୋଇଥାଏ । ଏତେ ସମୟର ଦୌଡା ଦୌଡିରେ ସେ ବୋଧହୁଏ ଟିକିଏ ଥକି ଯାଇଥିଲା । ମୁଣ୍ଡ ଟେକି ଏପଟସେପଟ ଟିକିଏ ଚାହିଁଲା କୁକୁଡାଟି ଓ ବୁନୁକୁ ନ ଦେଖି ନିଶ୍ଚିତ ହୋଇ ମାଟି ଉଖାଡିବାରେ ଲାଗିଲା । ବୁନୁ ଧୈର୍ଯ୍ୟର ସହ ଅପେକ୍ଷା କଲା କିଛି ସମୟ — ତା' ଦେହରୁ ଗମ୍ ଗମ୍ ଝାଳ ବହି ଯାଉଥାଏ ଓ ଛାତି ଧଡପଡ ହେଉଥାଏ । କୁକୁଡାଟି ଏକଦମ୍ ନିର୍ଭୟ ହୋଇ ବୁଦାକୁ ପଛ କରିବା ପର୍ଯ୍ୟନ୍ତ ଅପେକ୍ଷା କଲା ବୁନୁ ଓ ନିଃଶବ୍ଦରେ ଦୁଇ ଖୋପାରେ ଆସି ନିଜର ସମସ୍ତ ଶରୀର କୁକୁଡା ଉପରେ ଅଜାଡି ଦେଲା । କୁକୁଡାଟି ଏପରି ଅତର୍କିତ ଆକ୍ରମଣ ପାଇଁ ପ୍ରସ୍ତୁତ ନଥିଲା ଓ ବିନା ବାଧାରେ ଆତ୍ମ ସମର୍ପଣ କଲା । ହୁଏତ ଏମିତି ଅନୁଭୂତି ତା' ପାଇଁ ପ୍ରଥମ ନଥିଲା । ମାଲିକର ଛେଳଟ ପିଲଣମାନେ ତା'ସହ ପ୍ରାୟ ଏଇଭଳି ଖେଳୁଥିଲେ । କିଛି ସମୟ କୁକୁଡାର ଅବିଚଳିତତାକୁ ଅନୁଭବ କଲାପରେ ବୁନୁ ବିଜୟ ଦର୍ପରେ କୁକୁଡା ସମେତ ଉଠି ଠିଆ ହେଲା । ଏଥର ସେ ଦୁଇ ହାତରେ କୁକୁଡାକୁ ନିଜ ପେଟ ଉପରେ ଚାପି ଧରିଥାଏ ।

“ "ଚାଲ, ତୋତେ ତୋ ଘରେ ଛାଡି ଦେବି । ଦାସ ଘର କୁକୁଡା ତ ତୁ ! ଏଠି ଏକୁଟିଆଟା କ'ଣ କରୁଛୁ ? ବିଲୁଆ, କଟାସକୁ ଡର ନାହିଁକି ତୋର ?'' ବୁନୁ କୁକୁଡାକୁ ପଚାରିଲା ।

କୁକୁଡାଟି ସ୍ଥିର ଅବିଚଳ ଭାବରେ ବୁନୁ ପେଟର ଉଷୁମ ନେବାକୁ ଠିକ୍ କରିଥାଏ - ପାଟି ତୁଣ୍ଡ ବି କରୁନଥାଏ ।

ଖଣ୍ଡେ ବାଟ ଚାଲିଲା ପରେ ବୁନୁ ଠିଆ ହୋଇଗଲା ଓ ନାଲି କୁକୁଡାକୁ ଚାହିଁଲା । ମୋଟାମାଟି ବଡ କୁକୁଡାଟେ । କମଳା ରଙ୍ଗର ଛୋଟ ମୁକୁଟ ତା'ର । ପେଟରେ ଯ୍ୟା'ର କେତେଟା ଅଣ୍ଡା ଥିବ ? ଅଣ୍ଡାଭଜା କି ସୁଆଦ ! କୋଉ ପିଲାଦିନେ ଥରେ ଖାଇଥିଲା ସେ “ ଦାସ ଘର ପିଲେ ରୋଜ ଖାଉଥିବେ । ମନେ ମନେ ଭାବିଲା ବୁନୁ । ଦାସଘର ତ ଗୁଡାଏ କୁକୁଡା ଅଛି । ତାଙ୍କ ଖଳାବାଡିରେ ଚରନ୍ତି । ଦି'ଟା ଗଞ୍ଜା ଓ ଗୁଡାଏ ମାଈ କୁକୁଡା । ମଝିରେ ମଝିରେ ଛୁଆ ହୁଅନ୍ତି । ବାଡ ସେପଟରୁ ଦେଖିଛି ବୁନୁ । ଭାରି ମନହୁଏ ତା'ର ସେଥିରୁ ଗୋଟିଏ ଦି'ଟା ଆଣନ୍ତା ଓ ମାନୁ ସାଙ୍ଗରେ ଖେଳନ୍ତା । ପାଳନ୍ତେ ସେମାନେ । ସେ ବି ବଡ ହୋଇ ଅଣ୍ଡା ଦିଅନ୍ତେ । କିନ୍ତୁ ଛୁଆ କୁକୁଡାଗୁଡାକ ବଡ ହୋଇ ଯାଆନ୍ତି କୁଆଡେ ? ଦାସ ଘର ତାଙ୍କୁ ମାରି ଖାଇ ଯାଆନ୍ତି ନାଇଁ ତ ଆଉ ? ହଁ ହଁ ନିଶ୍ଚେ ମାରି ମାଉଁସ କରି ଖାଇ ଦେଉଥିବେ । କୁକୁଡା ମାଉଁସ ! କେମିତି ଲାଗୁଥିବ ? ସାର୍ କୁହନ୍ତି ଦେହର

ବଳ ପାଇଁ ଅଣ୍ଡା, ମାଉଁସ ଦରକାର । ସେଇଥିପାଇଁ ବାବୁଘର ପିଲାଗୁଡା ଭାରି ଚିକ୍କଣ ଓ ବଳୁଆ ହୋଇଛନ୍ତି । ଭାତ, ମାଉଁସ ତରକାରି ଖାଇବାକୁ ତାଙ୍କର ଫୁଟାଣି ! ଭାତ, ମାଉଁସ ତରକାରି ! ବୁନୁ ପେଟକୁ ପୁଣି ସକାଳର ଭୋକ ଲେଉଟି ଆସିଲା । ଏଇ ନାଲି କୁକୁଡାର ମାଉଁସ ଖାଇଲେ କେମିତି ହୁଅନ୍ତା ? କିନ୍ତୁ କେମିତି ଖାଇବ ? ୟା'କୁ ମାରିବାକୁ ପଡିବ ପ୍ରଥମେ – ତା'ପରେ ପର ଛଡେଇ ଖଣ୍ଡ ଖଣ୍ଡ କରି କାଟିବାକୁ ପଡିବ – ତା'ପରେ ଯାଇ ରୋଷେଇ । ଏମିତି ଭାବୁ ଭାବୁ ବୁନୁ ଓଲଟା ପଟରେ ବୁଲିପଡି ଚାଲିବାକୁ ଆରମ୍ଭ କରିଥିଲା ଓ ପୁଣି ସେଇ ବୁଦା ପାଖକୁ ଚାଲି ଆସିଥିଲା ଯେଉଁଠି କୁକୁଡାକୁ ପ୍ରଥମେ ଦେଖିଥିଲା । ସେଇଠି କୁକୁଡାକୁ କୋଳରେ ଧରି ସେ ବସି ପଡିଲା । କୁକୁଡାର ମୁଣ୍ଡଟି ବାହାରକୁ ଦିଶୁଥିଲା । ତା' ବେକରେ ହାତ ମାରିଲା ବୁନୁ । ସରୁ କିନ୍ତୁ ଟାଣ ବେକ । ବେକ ଉପରେ ହାତ ଦବାଇଲା ବୁନୁ - ପ୍ରଥମେ ଧୀରେ ଓ ପରେ ପରେ ଜୋର୍ । କୁକୁଡାଟି ଟିକିଏ ଚକିତ ହୋଇ ମୁଣ୍ଡ ବୁଲେଇବାକୁ ଚେଷ୍ଟାକଲା । ବୁନୁ ଆହୁରି ଜୋର୍‌ରେ ଚାପି ଧରିଲା ତା'କୁ ଓ ଏକା ସାଙ୍ଗରେ ବେକରେ ହାତ ଦବାଇଲା । କିଛି ହେଲା ନାହିଁ, କେବଳ କୁକୁଡାଟି ଯାହା ଆତଙ୍କରେ ବେକ ଲମ୍ବାଇ ଏପଟ ସେପଟ ମୁଣ୍ଡ ବୁଲେଇବାରେ ଲାଗିଲା । ସେଇ ଲମ୍ବିଥିବା ବେକକୁ ଧରିନେଲା ବୁନୁ ଓ ସମସ୍ତ ବଳ ପ୍ରୟୋଗ କରି ମୋଡିବାକୁ ଲାଗିଲା । କୁକୁଡା ଭୀଷଣ ଭାବରେ କମ୍ପିବାକୁ ଲାଗିଲା ତା' କୋଳ ଭିତରେ । ନଖରେ ବୁନୁର ଜଙ୍ଘକୁ ରାମ୍ପୁଡିବାକୁ ଲାଗିଲା । ବୁନୁ ଆହୁରି ଜୋର୍‌ରେ ତା' ବେକ ମୋଡି ଚାଲିଲା । କୁକୁଡାର ରାମ୍ପିବା ବନ୍ଦ ହୋଇଗଲା । ବୁନୁ ବେକ ଛାଡିଦେଲା ଓ କୁକୁଡାର ମୁଣ୍ଡ ଗୋଟିଏ ପଟକୁ ଢଳି ପଡିଲା । ବୁନୁ ତାକୁ ତଳେ ପକାଇ ଦେଇ ଠିଆ ହୋଇପଡିଲା । ତଳେ ପଡିବା କ୍ଷଣି ମାଟି ଓ ଶୂନ୍ୟକୁ ଗୋଡ ନଖରେ ରାମ୍ପିବାକୁ ଲାଗିଲା କୁକୁଡାଟି ଓ ଡେଣା ଫଡ୍ ଫଡ୍ କରି ଚାଲିଲା । ବୁନୁ ଆଖପାଖକୁ ଚାହିଁଲଣ – ଗୋଟାଏ ବଡ ପଥର ଉଠାଇନେଇ କୁକୁଡାର ବେକ ଓ ମୁଣ୍ଡରେ କଚି ଚାଲିଲା । ଦୁଇ ତିନି ପାହାର ପରେ କୁକୁଡାଟି ନିସ୍ତେଜ ହୋଇ ପଡିରହିଲା । ତା'ର ଖଣ୍ଡିଆ ଖାବରା ବେକରୁ ରକ୍ତମାଟି ଉପରକୁ ଗଡି ଆସିବାକୁ ଲାଗିଲା । କୁକୁଡାର ଅଧାମେଲା ଆଖି ଧୀରେ ବୁଜି ହୋଇ ଆସିଲା ଓ ଆଖି ଜାଗାରେ ହଳଦିଆ ଛୋଟ ଗୋଲ ପରଦାଟିଏ ଢ଼ାଙ୍କି ହୋଇଗଲା । ବୁନୁ ତା'ର ଦଲୁ ଉଠାଇଲା, ଏପଟସେପଟକୁ ଚାହିଁଲା – ସ୍କୁଲ ଜାମା ଭିତରେ ପୂରାଇ ପେଟ ଉପରେ ଜାବୁଡି ଧରିଲା ଓ ଜୋର୍‌ରେ ଘରମୁହାଁ ଦୌଡିଲା ।

ବୁନୁବୋଉ ସେତେବେଳେ ଚୁଲିରେ ନିଆଁ ଧରାଉଥାଏ । କ'ଣ ଗୋଟାଏ ବାରିପାରି ପଛକୁ ବୁଲି ଚାହିଁଲା ଓ ଭୟ - ଆଶ୍ଚର୍ଯ୍ୟରେ ତା'ଆଖି ବିସ୍ଫାରିତ ହୋଇଗଲା । ବୁନୁର ସ୍କୁଲ ଜାମା ପେଟ ପାଖରେ ରକ୍ତରେ ଓଦା ହୋଇଯାଇଥିଲା । ଡେରି ନକରି ବୁନୁ ରୋଷେଇ ଘର ମାଟି ଚଟାଣ ଉପରେ ଆଣ୍ଠେଇ ପଡିଲା ଓ ଜାମା ତଳୁ ମଲା କୁକୁଡାକୁ କାଢ଼ି ତଳେ ଥୋଇଲା । ବୋଉ ମୁହଁକୁ ଥରେ ବି ଚାହିଁଲା ନାହିଁ ।

""ଆରେ , ଇଏ କ'ଣ ? କାହାର ?'' କୋଉଠୁ ଆଣିଲୁ ? ତା' ବୋଉର ଚକିତ ପ୍ରଶ୍ନ ଥିଲା ।

ବୁନୁ ସବୁ ପ୍ରଶ୍ନର ଉତ୍ତର ଦେଲା ନାହିଁ । କେବଳ ଦୁଇଟି ଶବ୍ଦ ଉଚ୍ଚାରଣ କଲା- ""ଗୋହିରିରୁ ପାଇଲି ।''

""କାହାର, କହ ?'' ବୋଉର ପୁଣି ତୀକ୍ଷ୍ଣ ପ୍ରଶ୍ନ ଥିଲା ।

ମୁଣ୍ଡ ହଲାଇଲା ବୁନୁ, ଜାଣିନି । ମିଛ କହୁଥିବାରୁ ଏଥର ମଧ୍ୟ ବୋଉ ମୁହଁକୁ ଚାହିଁଲା ନାହିଁ ସେ । ""ଆମେ ମାଉଁସ ତରକାରି କରିବା,'' ଧୀରେ ଧୀରେ କହିଲା ସେ ଓ ବୋଉ ମୁହଁକୁ ଚାହିଁଲା ।

ବୁନୁ ବୋଉର କଠୋର ମୁହଁ ଓ କୁଞ୍ଚିତ କପାଳ ଧୀରେ ଧୀରେ ସରଳ ହୋଇ ଆସିଲା - ଆଖିରେ ଝଲକାଏ ଖୁସି

'ଟିଥିଲା । ଯଦିଓ ମୁହଁରେ ସେ ସେତକ ପ୍ରକାଶ କଲା ନାହିଁ ।

" "ତୋ ସ୍କୁଲ ଜାମା ତ ଗଲା ନଷ୍ଟ ହେଇ । ଦେଖ୍, ତା'କୁ ଚଞ୍ଚଳ ଓହ୍ଲାଇ ପକାଇ ସେ ତୋରାଣି ହାଣ୍ଡି ତଳେ ଘୋଡାଇ ପକା । ଯା, ଟିକିଏ ଧୁଆଧୋଇ ହେଇ ବାହାରେ ଖେଳ । ହଁ , ମାନୁକୁ ମୋ ପାଖକୁ ପଠା,'' ତା' ବୋଉର ସ୍ୱରରେ ଅସମ୍ଭବ ତତ୍ପରତା ଥିଲା । ବୋଉ ମାନୁକୁ କାନିରୁ ଖୋଲି ପାଞ୍ଚଟଙ୍କା ଦେଲା ଓ ଦୋକାନରୁ କିଲେ ଚାଉଳ ଆଣିବାକୁ ପଠାଇଲା – ବାକି ଟଙ୍କା ବାପା କାମରୁ ଆସିଲେ ପଠାଇଦେବ ବୋଲି କହିଦେବାକୁ ବୁଝାଇଲା ତାକୁ ।

ବୋଉ ବୁନୁ ହାତରେ କୂଅରୁ ପାଣି ଅଣାଇ ତା' ସ୍କୁଲ ଜାମା ଘର ଭିତରେ ଧୋଇଦେଲା । କୁକୁଡତାକୁ କଟାକଟି କରି ତା'ର ପର, ଗୋଡ ଓ ମଇଳା ସବୁକୁ ଓଲଟ ତୋରାଣି ହାଣ୍ଡି ତଳେ ଲୁଚାଇ ରଖିଲା । ଭାତ, ମାଉଁସ ତରକାରି ରାନ୍ଧିବାରେ ଲାଗିଲା ।

ବାପା ଦି'ପହର ଗଡିଗଲା ପରେ ଘରକୁ ଫେ'ରିଲା । ବୋଉ ତାକୁ ଖୁବ୍ ସଂକ୍ଷେପରେ ଘଟଣାଟି କହିଲା । ବାପା ବିରକ୍ତି ଦେଖାଇ- ବଡ ବଦମାସ୍ ଟୋକା ତୁ ବୋଲି କହି ଜୋର୍ ଚାପୁଡାଟିଏ ବୁନୁ ପିଠିରେ ଦେଲା –କିନ୍ତୁ ବୁନୁକୁ କିଛି ବାଧିଲା ନାହିଁ । ବାପା ଠାରୁ ଆଉ ଅଧିକ ଦଣ୍ଡ ଏଇ ଅପରାଧ ପାଇଁ ଆଶଙ୍କା କରୁଥିଲା ସିଏ । ବୁନୁ ଲକ୍ଷ୍ୟ କଲା ଯେ ସମସ୍ତେ ଖୁବ୍ ଆନନ୍ଦରେ ଭାତ, ମାଉଁସ ତରକାରି ଖାଇଲେ । ସାନ ଭଉଣୀ ମାନୁର ପାଟିରୁ , ନାକରୁ ତ ଖାଲି ପାଣି ବହିଯାଉଥାଏ । ସେ କିନ୍ତୁ ଏତେ ବେଶୀ ଉପଭୋଗ କରିପାରୁନଥିଲା । ମଝିରେ ମଝିରେ ଶାନ୍ତ ହୋଇ ତା' କୋଳରେ ବସିଥିବା ନାଲି କୁକୁଡା ଓ ତା'ର ମରିବା ପରେ ଆଖି ଉପରର ହଳଦିଆ ପରଦା ମନେ ପଡିଯାଉଥିଲା ବୁନୁର । ତେବେ ବି ଘରର ସମସ୍ତଙ୍କ ପାଇଁ ଏମିତି ଅଭୁତପୂର୍ବ ଖାଦ୍ୟ ଯୋଗାଡ କରିପାରିବାର ଏକ ଲୁକ୍କାୟିତ ଗର୍ବ ତା'ମନରେ ଦୁଃଖକୁ ବେଶି ସମୟ ରହିବାକୁ ଦେଉନଥିଲା ।

ରାତିରେ ବୁନୁବାପା କୋଦାଳ ଧରି ଓ ବୁନୁ ବୋଉ ତୋରାଣି ହାଣ୍ଡିରେ କୁକୁଡା ପର ଇତ୍ୟାଦି ଧରି ବାରି ଆଡକୁ ଗଲେ ଓ ନିଃଶବ୍ଦରେ ସେତକ ପୋତି ଦେଇ ଆସିଲେ । ବୁନୁ ବୋଉ ରୋଷେଇଶାଳ ଲିପିପୋଛି ପରିଷ୍କାର କରିଦେଲା । ସେମାନେ ତା'ପରେ ଶାନ୍ତିରେ ଶୋଇ ପଡିଲେ ।

ସକାଳୁ ସ୍କୁଲଜାମା ଶୁଖିଛି କି ନାଇଁ ପରୀକ୍ଷା କରୁକରୁ ପାଟି ଶୁଣିଲା ବୁନୁ । ବୁଲି ଦେଖିଲା ଦାସଘର ମଝିଆଁ ପୁଅ ଓ ସାଙ୍ଗରେ ପୁଲିସ୍‌ବେ । ବାପା ପିଣ୍ଡାରେ ବସିଥିଲା, ଆଜି କାମକୁ ଯିବାର ବୋଧହୁଏ ନ ଥିଲା ତା'ର ।

" "ଏଇ ଚୋର, ଦେଖନ୍ତୁ ସାର୍ – ବସିଛି କେତେ ଭଦରଲୋକ ସାଜି !'' କହି ଦାସଘର ମଝିଆଁ ପୁଅ ବୁନୁ ବାପା ଆଡକୁ ଆଙ୍ଗୁଠି ଦେଖେଇଲା ।

ଗମ୍ଭୀର ଭାବରେ ପୁଲିସ୍‌ଟି ବୁନୁ ବାପାକୁ ମୁହୂର୍ତ୍ତଟିଏ ପାଇଁ ଚାହିଁ ଧପ୍ ଧପ୍ ହୋଇ ଘର ଭିତରକୁ ପଶିଗଲା ଓ ସିଧା ରୋଷେଇଶାଳ ଆଡକୁ ମୁହାଁଇଲା । ତା' ପଛେ ପଛେ ଦାସଘର ମଝିଆଁ ପୁଅ ମଧ । ବୁନୁ ବୋଉ ଲଣ୍ଡ ଭଣ୍ଡ ହୋଇ ମୁଣ୍ଡରେ ଓଢ଼ଣା ଟାଣି ବସିବା ଜାଗାରୁ ଉଠିପଡି ରୋଷେଇଘର ବାହାରକୁ ଚାଲି ଆସିଲା । ବୁନୁ ବାପା ବି ସେମାନଙ୍କ ପଛେ ପଛେ ଆସିଥାଏ ।

“ "ବାସନା ବାରନ୍ତୁ ସାର୍ । ଏଇମାନେ ମାରି ଖାଇ ଯାଇଛନ୍ତି । ଦେଖନ୍ତୁ, ଦେଖନ୍ତୁ, ଭଲ କରି ଦେଖନ୍ତୁ,'' ଦାସଘର ପୁଅ କହି ଚାଲିଥାଏ । ବୁନୁ ବୋଉ କାନ୍ଥକୁ ଲେସି ହୋଇ ଠିଆ ହୋଇଥାଏ ଯେମିତି କାନ୍ଥ ଭିତରେ ପଶିଯିବ । ବୁନୁ ବାପା ଚୁପ୍ ଚାପ୍ । ପୁଲିସ୍‌ଟି ଗନ୍ଧ ବାରିବା ପରି ନାକ ସୁଁ ସୁଁ କଲା ଓ ପୁଣି ରୋଷେଇଘରୁ ବାହାରି ଅଗଣାକୁ ଗଲା । ଅଗଣାରେ ଥୁଆ ହୋଇଥିବା ଦୁଇ ତିନୋଟି ଜିନିଷକୁ ବୁଲ୍‌ବାଡିରେ ଗଡାଇ ଦେଲା ଓ ଧମ୍ ଧମ୍ ହୋଇ ବାରିଆଡକୁ ଚାଲିଗଲା - ପଛେ ପଛେ ଦାସଘର ମଝିଆଁ ପୁଅ ଓ ବୁନୁ ବାପା ।

ବୁନୁର ଛାତି ଖାଲି ଉଠୁଥିଲା, ପଡୁଥିଲା । ଦାସଘର ମଝିଆଁ ପୁଅକୁ ଭଲ କରି ଜାଣେ ସେ । ସମସ୍ତଙ୍କ ଭିତରେ ସେ ସବୁଠାରୁ ଭୟଙ୍କର ଓ ବଦରାଗୀ । ଦି'ବର୍ଷ ତଳେ ଥରେ ଦି'ଟା କାକୁଡି ଧରି ତାଙ୍କ ବାଡିରୁ ଦୌଡି ଆସୁ ଆସୁ ଏଇ ମଝିଆଁ ପୁଅ ହାବୁଡରେ ପଡିଥିଲା ବୁନୁ । ଦୁଇଟା ନିର୍ଘାତ ଚାପୁଡାର କଷ୍ଟ ଏବେ ମଧ ଭୁଲି ନାହିଁ ସିଏ ।

ରାତିରେ ଅନ୍ଧାରରେ ରହିଯାଇଥିବା କୌଣସି ସୁରାକକୁ ମାଟି ଖୋଳି ଦାସଘର ମଝିଆଁ ପୁଅ କୁକୁଡା ପର, ଗୋଡ ଇତ୍ୟାଦି କାଢିଲା ଓ ଗଡ ଜିଣିଲା ପରି ଉଠି ଠିଆ ହେଲା । ପୁଲିସ୍ କ'ଣ ପଚାରୁଥାଏ ବୁନୁ ବାପାକୁ ଓ ବୁନୁ ବାପା ମୁଣ୍ଡ ହଲାଇ ମନା କରୁଥାଏ । ବୁନୁ ଟିକିଏ ଦୂରରେ ଠିଆ ହୋଇଥିଲା ।

“ "ଏଇଟା ବଡ ଚୋର ସାର୍ । ସବୁବେଳେ ଛୋଟବଡ ଜିନିଷ ଆମ ଘରୁ ଚୋରି କରୁଛି । ଗତବର୍ଷ ମୋ ମାଆର ଯୋଡ ଗହଣଣ ଚୋରି ଯାଇଥିଲା - ଧରା ପଡିଲା ନାହିଁ ତାକୁ ଏଇ ଚୋର ନେଇଛି , ବିକି ଭାଙ୍ଗି ଖାଇଛି । ଦେଖୁ ନାହାନ୍ତି, କୁକୁଡାଟିଏ ବି ରଖେଇ ଦେଉନାହିଁ କେମିତି !'' ଉଚ୍ଚସ୍ୱରରେ କହି ଉଠିଲା ଦାସ ଘର ମଝିଆଁ ପୁଅ ।

“ "କ'ଣ କହିଲୁ , କ'ଣ କହିଲୁ, ମୁଁ ଗହଣା ଚୋରି କରିଛି ? ଭାରି ତ ସାହସ ତୋର !'' ବୁନୁ ବାପା ମାଡି ଆସିଲା ଦାସ ଘର ମଝିଆଁ ପୁଅ ଆଡକୁ ।

“ "ତୁ ନୁହେଁ ତ କିଏ ଆଉ ? ଆଜି ସିନା ଧରା ପଡିଲା ଚୋରି,'' ରାୟ ଦେବା ସ୍ୱରରେ ପୁଲିସ୍ କହିଲା ।

“ "ମୁଁ କିଛି ଚୋରି କରିନ ଆଜ୍ଞା । ଆପଣ ତା'କଥା ଜମାରୁ ଶୁଣନ୍ତୁ ନାହିଁ ।'' ବୁନୁ ବାପା ଅଳି କଲା ପରି କହିଲା ।
“ "ଚୋରି ଗହଣା ବିକି ମାଇପର କାନକୁ କରିଛୁ – ଲୁଗା କିଣିଛୁ, ମୁଁ କ'ଣ ଜାଣିନାହିଁ ?'' ଦାସଘର ମଝିଆଁ ପୁଅ ବଡ ପାଟିରେ କହିଲା ।

“ "ଏଥର ବାପଧନ, ମାମୁଘର ଘଣା ପେଲିଲେ ଜାଣିବ ।'' ପୁଲିସ୍‌ଟି ବୁନୁ ବାପାର ଆଣ୍ଠୁରେ ବୁଲ୍ ବାଡିଟି ଠୁକାଇ କହିଲା । “ "ତମେ ବି ୟାଙ୍କ ସାଙ୍ଗରେ ମିଶିଛ ? ଖୁଆଇ ପିଆଇ ରଖିଛନ୍ତି ତ – ମିଛ କହିଲେ ତୁମେ ସତ ମଣିବ,'' କ୍ରୋଧରେ ଗୁମୁରି ଉଠିଲା ବୁନୁ ବାପ. ।

“ "ଆଚ୍ଛା ! ବହୁତ କଥା କହୁଛନ୍ତ ! ଚୋର କୋଉଠିକାର ! ଚାଲ୍, ବୁଝିବା ତୋ କଥା,'' ଏଥର ପୁଲିସ୍‌ଟି ବୁନୁ ବାପ ର ଆଣ୍ଠୁରେ ଜୋର୍ ପାହାର ପକାଇଲା ଓ ଗାଈ ଅଡେଇଲା ପରି ବୁଲ୍‌ବାଡି ତା' ଦେହରେ ଠେସି ଠେସି ଘର ବାହାରକୁ ନେଲା ।

“ "ସେ କିଛି କରି ନାହାନ୍ତି, ପୁଅଟା ଜାଣିପାରିନି ମାରିଦେଇଛି । ଛାଡି ଦିଅ ତାଙ୍କୁ, ଆମେ କୁକୁରଟାକେ କିଣିକରି ଦେଇଦେବୁ ।'' ବୁନୁ ବୋଉ ଗୋଡେଇ ଗୋଡେଇ ଆସିଲା ସେମାନଙ୍କ ପଛରେ । ମୁହୂର୍ତ୍ତଟିଏ ରହିଗଲେ ସମସ୍ତେ ! “ "ଚୋର କେମିତି ସତ ମାନିଲା ଦେଖିଲେ ତ ସାର୍ ?'' ଦାସଘର ମଝିଆଁ ପୁଅ ଗର୍ବରେ କହିଲା, “ "ଆମ ଟଙ୍କା ଫେରାଅ । ଶାନ୍ତିରେ ବଞ୍ଚେଇ ଦେଉନାହାନ୍ତି । ମାଇକିନିଆ କେମିତି ଘଇତାକୁ ବଞ୍ଚାଇବାକୁ ପୁଅ ମୁଣ୍ଡରେ ଅଠା ବୋଳୁଛି ଦେଖନ୍ତୁ । ଲାଜ ନାହିଁ !'' ଦାସଘର ମଝିଆ ପୁଅ ମାଟିରେ ଛେପ ପକାଇଲା । ବୁନୁ ବାପାର ମୁହଁ ବିକୃତ ଦିଶୁଥାଏ । ପୁଲିସ୍ଟି ତା' ପିଠିରେ ଏଥର ଜୋର୍ ପାହାରଟେ ପକାଇଲା, ମୁହୂର୍ତ୍ତଟେ ପାଇଁ ବୁଲିପଡି ବୁନୁ ବୋଉ ଆଡେ ଚାହିଁଲା ଓ ସେଇମିତି ବୁନୁ ବାପାକୁ ଅଡେଇ ଅଡେଇ ଟାଁ ବାହାରକୁ ନେଇ ଚାଲିଲା ।

ବୁନୁର ପାଦ ଦୁଇଟି ମାଟିରେ ପୋତି ହୋଇଯାଇଥାଏ ଯେମିତି ! ବାପା , ପୁଲିସ୍ ଓ ଦାସଘର ମଝିଆଁ ପୁଅକ ଦିଶିବା ଯାଏଁ ସେଇଠି ଠିଆ ହୋଇ ରହିଲା! ସେ ଓ ତା'ପରେ ଗୋଟିଏ ଗୋଟିଏ ଚାଲି ଚାଲି ଆଡକୁ ଗଲା । କୁକୁରଟା ପର , ଗୋଡ , ମୁଣ୍ଡ ପୋଡା ହୋଇଥିବା ଖାତ ଖୋଳା ହୋଇଥିଲା ଓ ପର ଉଡି ଖଣ୍ଡେ ଡାଗାରେ ୟା'ଡେ ସ୍ୱା'ଡେ ପଡିଥିଲା । ସେଇ ଖାତରେ କିଏ ତାକୁ ପୋତି ଦିଅନ୍ତା କି ! ଦିନ ଘଡିକେ ବି ଏକ ଅଜଣା ଦୁଃଖର ଶିତ ତା'ହାଡ ଥରାଇ ଦେଉଥିଲା! ।

ସବୁଦିନ ସକାଳୁ ସେ ଭାବୁଥିଲା, ବାପା ଆଜି ଫେରି ଆସିଥିବ — ସେ ଆଖି ଖୋଲିଲା ବେଳକୁ ଉଠି ପିଣ୍ଡାରେ ବସ ଗିଲାସରେ ଚା' ସୁଡୁକାଉଥିବ । କିନ୍ତୁ ଏମିତି ଛବି ତା' ଭାବନାରେ ରହି ଯାଉଥିଲା । ବୋଉ କେମିତି ଉଦାସ, ଶୂନ୍ୟ ଆଖିରେ ଦାଣ୍ଡକୁ ଚାହିଁ ଅଧିକାଂଶ ସମୟ ପିଣ୍ଡାରେ ବସି ରହୁଥିଲା । କୋଳର ବୁନୁ ପାଟିରେ ମାଟି ଭର୍ତ୍ତିକଲେ ମଧ ବିଗୁଡୁ ନଥିଲା କି ଜାଣୁ ନଥିଲା । ଏବେ ବୁନୁ ଆଉ ଭୋକ କଲେ ଖାଇବାକୁ ମାଗୁନଥିଲା । ଦିନକୁ ଦୁଇଥର ଡାଉ ଖାଇଦେଲେ ମଧ ତା'ର ଚଳି ଯାଉଥିଲା । ପେଟର ଭୋକଠାରୁ ଆଉ ଏକ ବଡ ଭୋକ ତା'କୁ ଆଛନ୍ନ କରି ରଖୁଥିଲା — ବାପାକୁ ଦେଖିବାର ଓ ବୋଉ ମୁହଁରେ ସରସତା ଦେଖିବାର ଭୋକ !

“ "ବାପା କେବେ ଆସି ବୋଉ ? ଆମେ ତାକୁ ଆଣିବାକୁ ଯିବା,'' ବୁନୁ କିଛି ଦିନ ପରେ ବୋଉକୁ ପଚାରିଲା । “ "କେଜାଣି !'' ଏ ନିସ୍ପୃହ ଉତ୍ତର ଦୀର୍ଘଶ୍ୱାସ ସହ ବାହାରିଲା ବୋଉ ମୁହଁରୁ । ବୋଉ ତାକୁ ଚାହୁଁନଥିଲା ।

“ "ତାଲେ ଯିବା —ମୁଁ ପୁଲିସକୁ କହିବି ଯେ କୁକୁରଟା ଚୋରି ମୁଁ କରିଛି । ମୋତେ ରଖ । ବାପାକୁ ଛାଡି ଦିଅ .'' ବୁନୁ ଗମ୍ଭୀର ଭାବେ କହିଲା ।

“ "କିଛି ଲାଭ ହେବନି । ପ୍ରଧାନ ଭାଇ କହୁଥିଲା ସେମାନେ ତୋ ବାପାକୁ ଟଙ୍କା ଚୋରି କରିଛି ବୋଲି ବାନ୍ଧିଛନ୍ତି । ବାଡେଇଛନ୍ତି କାଲେ. . . '' ବୋଉର କଣ୍ଠ ରୁନ୍ଧି ହୋଇଗଲା ।

“ "ମୁଁ ଯିବି ବୋଉ । ମୁଁ ସତକଥା ପୁଲିସକୁ କହିବି,'' ବୁନୁ ନିଶ୍ଚୟବଳା ପରି କହିଲା ।

“ "ଖବରଦାର୍; ତୁ କୁଆଡେ ନଯାଉ ଯେମିତି ! ଯାହା ତ କଲୁ କଲୁ, ଆଉ ସେ'ଠିକୁ ଯାଇ ଜେଲ୍‌ରେ ପୁଞ୍ଜା ହେବାକୁ ଚାହୁଁଛୁ ? ସେ କଥା ମୁଣ୍ଡରୁ ବାହାର କର,'' ବୋଉ ଭିତରେ କୌଣସି ନିଷ୍ଫଳ କ୍ରୋଧ ଗୁମୁରୁ ଥିଲା ଯେମିତି ।

ବୁନୁର ଦୁଇ ଆଖି ଭର୍ତ୍ତି ହୋଇଗଲା । ବସିପଡି ଆଣ୍ଠୁ ସନ୍ଧିରେ ମୁହଁ ଲୁଚାଇ ଗୁଡାଏ ବେଳ ପାଟିକରି କାନ୍ଦିଲା ସେ । ମାନୁ କି ସାନୁ କେହି ନ ଥିଲେ ତା' ପାଖରେ ସେତେବେଳେ ।

ଦିନେ ସକାଳୁ ପାଣି ବାଲ୍‌ଟି କେଇଥର କୂଅରୁ ଆଣି ଘରେ ଦେଇ ସାରିଲା ପରେ ବୁନୁ ଦେଖିଲା ଯେ ମାନୁ ଆସିଛି ଓ ପିଣ୍ଡାରେ ବସି ବୋଉ ସାଙ୍ଗେ କଥାବାର୍ତ୍ତା ହେଉଛି ।

""ଆରେ ହୋଇତ, ବୁନୁ ଆସିଲାଣି । ବଡ ବୁଝିବାର ହୋଇଗଲାଣି ପରି ଲାଗୁଛି ତ !'' ମାନୁ ତା' ମୁଣ୍ଡ ଆଉଁସୁଡାଇ କହିଲା ।

ବୁନୁ ବୋଉ କିଛି ଉତ୍ତର ଦେଲା ନାହିଁ । ବୁନୁକୁ କାହିଁକି କେଜାଣି ଲାଗୁଥିଲା ଯେ ବାପାଙ୍କୁ ପୁଲିସ ନେଇଯିବା ଦିନରୁ ବୋଉ ତା' ଉପରେ ରାଗିଛି ଯଦିଓ ମୁହଁରେ କହିନାହିଁ କିଛି ।

""ବୁନୁ, ତୁ ମୋ ସାଙ୍ଗରେ ଯିବୁ । ଏଠି ତ ତୋର ସ୍କୁଲ ଯିବା ବନ୍ଦ ହୋଇଗଲାଣି । ମାଈଁ ପାଖକୁ ଗଲେ ପଢ଼ାପଢ଼ି କରିବୁ । ବାପା ଫେରିଲେ ଯାଇ ଆସିବୁ,'' ମାନୁ ତା ମୁଣ୍ଡ ଆଉଁଶି ଆଉଁଶି କହିଲା ।

ବୁନୁ ହତଚକିତ ହୋଇ ବୋଉ ଆଡେ ଚାହିଁଥିଲା । ଏବେ ବାପା ନାହିଁ ଘରେ । ସେ କେମିତି ଘରଛାଡି ମାନୁ ଘରକୁ ଯିବ ? ବୋଉ ତ ସବୁବେଳେ କୁହେ ଯେ ସେ ବୁଢ଼ାଟେ ହେଲାଣି । ଏବେ ସାନ ଭାଇଭଉଣୀଙ୍କ ଦାୟିତ୍ୱ ଛାଡି ସେ ଯିବ କେମିତି ? ବୋଉ କିନ୍ତୁ ବୁନୁର ଆଖିରେ ଆଖି ନ ମିଶାଇବାକୁ ଯେମିତି ପଣ କରିଥିଲେ ।

""ଏଠି ତ ଏତିକି ଲୋକଙ୍କୁ ଖାଇବାକୁ ନାହିଁ । ଡାମାପ୍ୟାଣ୍ଟ୍ ବି' ଖଣ୍ଡ ବି ନାହିଁ ଯା'ର । ଏମିତି ଏଇଠି ବାଳୁଙ୍ଗା ହୋଇ ପଡିରହି କ'ଣ ଲାଭ ?'' ମାନୁ ନିଜକୁ ନିଜେ କହୁଥିଲା ପରି ଲାଗୁଥିଲା ।

ହଁ, ସତରେ ଘରେ ଖାଇବାକୁ ନାହିଁ । ବାପା ଟଙ୍କା ପଇସା ଯାହା ଯେତେବେଳେ ଆଣୁଥିଲା, ଖାଇବା କାମ ଚଳୁଥିଲା ସେଥିରେ । ଏବେ ଅସମ୍ଭବ ଟାଣଟୁଣ । ସମସ୍ତଙ୍କ ମୁଣ୍ଡ ନୁଖୁରା, ମୁହଁ ନିସ୍ତେଜ ଓ ଶୁଖିଲା ହୋଇଯାଉଛି ଧୀରେ ଧୀରେ । ବୋଉ ତେବେ ସେ ଭଲ ଖାଇବ, ପିନ୍ଧିବ ଓ ସ୍କୁଲ ଯିବ ବୋଲି ତା'କୁ ମାନୁ ଘରକୁ ପଠାଉଛି ! ତା''ଭଳି ଖରାପ ପୁଅ ପାଇଁ ବୋଉର ଏତେ ଦରଦ ! ଆଖିରେ ପାଣି ଆସିଗଲା ବୁନୁର ।

""ବାପା ଫେରିଲେ ଯିବି,'' ବୁନୁ ନିର୍ଣ୍ଣୟ କଲା ପରି କହିଲା ।

""ସେସବୁ ନାହିଁ । ଚଞ୍ଚଳ ବାହାର,'' ବୋଉର କଟା ସ୍ୱର ଶୁଭିଲା ।

""ହଁ, ମାଈଁ ସେଇଠି ଏକା ଅଛି । ଦେଢ଼ବର୍ଷ ଛୋଟ ଝିଅ, ବସେଇ ଉଠେଇ ଦେଉନାହିଁ । ବେଗେବେଗେ ଫେରି ଆସିବାକୁ କହିଛି,'' ମାନୁ ଉଠି ଠିଆ ହେଲା ।

ବୋଉ କ'ଣ ତାକୁ ବଡି ଦେଉଛି ? ବାପାକୁ ଜେଲ୍ ପଠାଉଛି, ସେଇ ରାଗରେ ? ବୁନୁର ଇଚ୍ଛା ହେଉଥିଲା ସେ ଚିଲ୍ଲାଇ କାନ୍ଦନ୍ତା । କିନ୍ତୁ ସେ ଘର ଭିତରକୁ ପଶିଲା, ଛିଣ୍ଡା ବସ୍ତାନି ଓ ତା' ଭିତରେ ଦୁଇଟା ଚିରା ହାଫପ୍ୟାଣ୍ଟ ପୁରାଇ ବାହାରକୁ ଆସିଲା । କୋହ ଚଲ୍ଲି ରୁନ୍ଧି ଦେଉଥାଏ ତା'ର । ସେ କାହାକୁ ଦେଖାଇଲା ନାହିଁ । ମାନୁ, ସାନୁକୁ ନୁହେଁ -- ବୋଉ କାଖରେ ଲଟକିଥିବା ଚୁନୁକୁ ଟିକିଏ ଗେହ୍ଲା ବି କଲା ନାହିଁ । ମାମୁ ପଛେ ପଛେ ବାହାରି ଯିବା ବେଳକୁ ଆଖି କୋଣରେ କେବଳ ବୋଉର ମସିଆ ଶାଢ଼ିର ତଳଘେର ଓ ପାଦ ଦୁଇଟା ଦିଶିଗଲା ତାକୁ । ଗାଁ ମୁଣ୍ଡ ମନ୍ଦିର ପାଖରେ ପହଞ୍ଚି ବୁଲି ଦେଖିଲା ସେ, ବୋଉର ଅସ୍ପଷ୍ଟ ଛବି ଦାଣ୍ଡ ଦୁଆରେ ଦିଶୁଛି — ଚୁନୁ ଟିକିଏ କୋଳରୁ ଉହୁଙ୍କି ଆସିଲା ପରି ଲାଗୁଛି ।

ମାମୁ ଘରେ ହଜି ଯାଇଥିବା ଭୋକ ଯେମିତି ଫେରି ଆସିଲା ତା'ର । ଖାଇବାକୁ ଅଧିକ ଓ ତିନି ଓଳି ମିଳୁଥିଲା ଏଠି । ବୋଉ ଆଗରୁ ଅନେକଥର କହିଥିଲା ମାମୁ ଘରେ ଖାଇବା ପିଇବା ଭଲ । ମାମୁ ସ୍କୁଲରେ ତା' ନାଁ ଲେଖାଇ ନଥିଲା । କହିଲା ଛ'ମାସ ଚଳାଣି, ଏବେ ଆଉ ପଢ଼ିବା ସହଜ ନୁହେଁ । ଆରବର୍ଷ ପୁଣି ତୃତୀୟ ଶ୍ରେଣୀରେ ନାଁ ଲେଖାଯିବ । ଏବେ ସେ ଘରେ ପଢୁଥାଉ । ଘରେ ଥିଲା ବେଳେ ସ୍କୁଲ ନଗଲେ ଖୁସି ହୁଏ ସେ । କିନ୍ତୁ ଏଇଠି ସେ ଚାହୁଁଥିଲା ଯେ ସ୍କୁଲ କେମିତି ଯାଆନ୍ତା — କିଛି ସମୟ କଟିଯାଆନ୍ତା ତା'ର । ଅବଶ୍ୟ ସମୟ ବଳୁନଥିଲା ତା' ପାଇଁ । ମାମୁ ବାରମ୍ବାର କହୁଥିଲା, ମାଇଁର ନୂଆ ଛୁଆଟେ ହେବ, ଭାରି କାମ ସେ କରି ପାରିବ ନାହିଁ । କୂଅରୁ ପାଣି କାଢ଼ିବା, ବାସନ ମାଜିବା, ଲୁଗା କାଚିବା, ଘର ଓଳାଇବା ପୋଛିବା କାମ ବୁନୁକୁ କରିବାକୁ ପଡୁଥିଲା । ମାଇଁ ରୋଷେଇ ଘରେ ପୂରାଇ ଦିଏ ନାହିଁ । ରୋଷେଇ ଓ ହାଣ୍ଡିଶାଳ ଲିପାପୋଛା ନିଜେ କରେ ମାଇଁ । ସେତକ ସମୟ ଛୋଟ ଝିଅକୁ କାଖେଇବାକୁ ହୁଏ ବୁନୁକୁ ।

କିଛି ଦିନ ପରେ ଖାଇବାର ଆଗ୍ରହ କମିଗଲା ବୁନୁର । ଖାଲି ତା'ବୋଉ ଓ ଭାଇଭଉଣୀଙ୍କୁ ଦେଖିବାକୁ ମନ ହେଲା ତା'ର । ମାମୁଙ୍କୁ ପ୍ରାୟ ପ୍ରତିଦିନ ପଚାରୁଥିଲା ବାପା ଫେରିଲାଣି କି ନାହିଁ ଓ ସେ ଘରକୁ ଯିବାକୁ ଚାହୁଁଛି । ମାମୁ ବାପା ଫେରିନାହିଁ ବୋଲି କହୁଥିଲା ଓ ଶୀତ ପରେ ଯାଇ ତା'କୁ ତା'ଘରେ ଛାଡିଦେବ ବୋଲି କହିଲା । ମାଇଁର ଏ ଭିତରେ ଛୋଟ ପୁଅଟେ ଜନ୍ମ ହେଲା । ନାଲିଆ କିନ୍ତୁ ଗୁଲୁଗୁଲିଆ ଛୁଆ । ବୁନୁର କାମ ଟିକିଏ ବଢ଼ିଗଲା । ଛୁଆର ଗୁହମୁତ କନା ଦିନକୁ ଗଦାଏ । ବୁନୁର ସେଥିପାଇଁ ଆପତ୍ତି ନ ଥିଲା । ମାଇଁ କିନ୍ତୁ ଏ ଭିତରେ ଖୁବ୍ ଚିଡିଚିଡା ହୋଇ ଯାଇଥିଲା । ତିନି ଚାରି ଥର ମାଗିଲେ ଯାଇ ଘଡିଏ ପରେ ଖାଇବାକୁ ଦେଉଥିଲା । ଯାଉଣୁ ଆସୁଣୁ ଗାଳିଦେବା ଆରମ୍ଭ କରିଦେଇଥିଲା । - ଅସୁର, ବସି ବସି ଗୁଣ୍ଡା ଗିଳୁଛି -- ମା ଯେମିତି ଉପରେ ପଡି, ପୁଅ ତହିଁରୁ ବଳି . . . ଏମିତି କେତେ କ'ଣ । ମାମୁ ବେଳେବେଳେ ଶୁଣିଲେ କହୁଥିଲା ଯେ ମାଇଁ କଥା ଧରନା କିଛି — ଛୁଆ ଜନ୍ମ ଯୋଗୁଁ ଏମିତି ସ୍ୱଭାବର ହୋଇଯାଇଛି ସେ । ହେଲେ ବୁନୁକୁ ଭଲ ଲାଗୁନଥିଲା କିଛି । ମନେ ପଡୁଥିଲା ତାଙ୍କ ବାଡି, ଗାଁ ଗୋହିରି ଯାହା ଏମିତି ଅଧା ସହର, ମାମୁ ଘର ଠାରୁ ଅଲଗା ଥିଲା ।

ସକାଳୁ ଦିନେ ତାଙ୍କ ଗାଁରୁ ପଧାନ ମାମୁ ଆସିଥିଲା । ମାମୁଙ୍କୁ ଡାକି କ'ଣ କଥା ହେଲା ଓ ପରେ ପରେ ମାମୁମାଇଁଙ୍କୁ ଡାକି କ'ଣ କାନରେ କହିଲା । ଚଞ୍ଚଳ ଦୁଇ ଗ୍ଲାସ ସର୍ବତ ଆଣ ବୋଲି କହିଲା ଓ ତରତର ହୋଇ ହାଫପ୍ୟାଣ୍ଟ ପିନ୍ଧି ପଧାନ ମାମୁ ସାଙ୍ଗେ ବାହାରିଗଲା । ମାଇଁ ଖାଲି ଘର ଭିତର ବାହାର ହେଉଥାଏ ଓ ତା' ଛୁଆ ଦି'ଟାଙ୍କ ଉପରେ ଛେପ ଥୁପୁ କରି ପକାଉଥାଏ ବାରମ୍ବାର । ବିଡିବିଡି ହୋଇ ଚାଲିଥାଏ — ସତ୍ୟାନାଶୀଟାଲେ, କଅଣ କଲା . . .

ମାମୁ ସେଦିନ ରାତିରେ ଫେରିଲା ନାହିଁ । ମାଇଁ ବୁନୁକୁ ଦାଣ୍ଡ ପିଣ୍ଡାରେ ଡାଙ୍କ ଘର କରି ଶୋଇବାକୁ କହିଲା । ତାକୁ ରାତିସାରା ପ୍ରାୟ ନିଦ ହେଲା ନାହିଁ । ଭୋର୍ ଭୋର୍ ମାମୁ ଫେରିଲା —ମୁଣ୍ଡ ଝାମ୍ପୁରା ଓ ମୁହଁ 'ଣ'ଣ ଦିଶୁଥାଏ । ଆସି ସିଧା କୂଅମୂଳକୁ ଗଲା ଓ ଦୁଇ ତିନି ବାଲ୍ଟି ପାଣି କାଢ଼ି ଅଜାଡି ପକାଇଲା ନିଜ ଉପରେ । ଶବ୍ଦ ଶୁଣି ବୋଧେ ମାଇଁ ଉଠି ବାହାରକୁ

ଆସିଲା ଓ ସେ ମଧ କୁଅମୁଳକୁ ଯାଇ ଆଞ୍ଜୁଳାଆଞ୍ଜୁଳା କରି ପାଣି ଢ଼ାଳି ହେଲା । ତା'ପରେ ତା'ଆଡକୁ ଅନାଇ କହିଲା - ଆସ୍ . ବାଲ୍‌ଟିଏ ପାଣି କାଢ଼ି ତୁ ବି ଗାଧୋଇ ପଡ ।

ଧୀରେ ଧୀରେ ମାମୁ ଘରେ ଲୋକ ଜମିଲେ । କେହି କେହି ଆସି ତା'କୁ ଡାକି ପକାଇଲେ ଓ କିଏ କିଏ ମୁଣ୍ଡ ଆଉଁସି ଦେଲେ । ବୁନୁ ଜାଣିବାକୁ ଚେଷ୍ଟା କଲା ଏସବୁ ଆକସ୍ମିକତାରେ ହେତୁ କଣ !

- ତା' ବୋଉ କୁଆଡେ ମାନୁ , ସାନୁ ଓ ବୁନୁ — ତିନି ଛୁଆଙ୍କୁ ଧରି ବାରିଆଡ କୁଅକୁ ଡେଇଁ ପଡିଛି ରାତି ଅଧରେ ! ସକାଳୁ ସେମାନଙ୍କ ମଲା ଦେହ ବାହାର କରାଯାଇଛି । ପୁଲିସ ଆସିଥିଲା । ମାମୁ ଏଠୁ ଗଲା । ବାପାକୁ ଜେଲ୍‌ରୁ ଅଣାଗଲା। ଶବ ପୋତା ହେଉହେଉ ରାତି ଅଧ ହେଲା । ମାମୁ କାମଦାମ ସାରି ଭୋରଭୋର୍ ଆସି ପହଞ୍ଚିଛି ।

କାହାକୁ କ'ଣ ପଚାରିବ ବୁନୁ ? କାହାକୁ କ'ଣ କହିବ ? ମାଇଁ ସାଇ ମାଇପିଙ୍କୁ ଧରି ବାହୁନି ବସିଛି । ମାମୁ ଗାମୁଛାରେ ଥରକୁ ଥର ଆଖି ପୋଛୁଛି । କିଏ କେତେ କ'ଣ କହୁଛନ୍ତି , କିଛି ଶୁଣି ପାରୁନଥିଲା ବୁନୁ । ଏ ଭିତରେ ଶାଣିତ ହୋଇ ଆସିଥିବା ତା ବୋଧ ଶକ୍ତି , କିଛି ଗ୍ରହଣ କରି ପାରୁନଥିଲା ଯେମିତି ।

ମାମୁ କହିଛି ତିନି ଦିନ ପରେ ତା'କୁ ନେଇ ଗାଁକୁ ଯିବ । ତିନି ଦିନ ପରେ ସେ ଘରେ ପହଞ୍ଚିଲା ବେଳକୁ କ'ଣ ସତରେ କେହି ନଥିବେ ! ସବୁବେଳେ ମାଡ ଖାଉଥିବା ସାନୁ, ଖପରାର ଭାଙ୍ଗତାଲି ବାଡ଼ି ଖାଇବାକୁ ଡାକୁଥିବା ମାନୁ, ତା'କୁ ଦେଖି ବୋଉ କୋଳରୁ ଡହୁଁକି ଆସୁଥିବା ବୁନୁ, ଏମାନେ ସତରେ କ'ଣ ଘରେ ନଥିବେ ? ଆଉ ବୋଉ ! ମୁଣ୍ଡ ଭିତରେ କ'ଣ ଯେମିତି ବିସ୍ଫୋରି ଉଠିଲା ତା'ର । ବୋଉ ବି ନଥିବ ଘରେ । ଏବେ ନୁହେଁ, କାଲି ସେ ପହଞ୍ଚିଲା ବେଳେ ନୁହେଁ - ଆଉ କେବେ ବି ନହେଁ । କେମିତି ସମ୍ଭବ ଏକଥା ! ତାଙ୍କ ଘର — ବୋଉ ନଥାଇ, ସେ ତ କଳ୍ପନା କରିପାରୁନାହିଁ । ମନେ ପଡିଗଲା — ଗତବର୍ଷ ବର୍ଷା ଦିନ କଥା । ବାପା କାମକୁ ଯାଇ ପାରିନଥିଲା । ଗଳ ଗଳ ହୋଇ ଅହାଡି ହୋଇ ପଡୁଥିଲା ପାଣି । ଦୁଇ ବର୍ଷ ଧରି ଛପର ହୋଇ ନଥିବା ତାଙ୍କ ଚାଳର ବିଭିନ୍ନ କଣାରୁ ଅସଂଖ୍ୟ ପାଣି ଧାର ବହି ଚାଲିଗଲା । କେତେ ଡାଗାରେ ପାଣି ପଡୁଥିଲା ଟପ୍ ଟପ୍ । ସେମାନେ ତିନିଜଣ ଯାକ ଡାକି ଜୁକି ହୋଇ ଗୋଟିଏ କୋଣରେ ଲଦି ହୋଇଥିଲେ । ବୋଉ ସେମାନଙ୍କ ଉପରେ ଛିଣ୍ଡା ମସିଣା ଟେ ଲଦି ଦେଇଥିଲା । ତାଙ୍କରି ପାଖରେ ତାଙ୍କୁ ଆବୋରି ବସିଥିଲା ବୋଉ, କୋଳରେ ଦି'ମାସର ବୁନୁ କରରେ ଥରୁଥାଏ । ବୋଉ ରାତିସାରା ବସୁଥାଏ, ଉଠୁଥାଏ, ଘର ପୋଛୁଥାଏ ।

ତା' ଗାଁରେ ବୁନୁ ଓ ତା' ମାମୁମାଇଁ ଯେଉଦିନ ପହଞ୍ଚିଲେ ସେଦିନ ବୋଉ ଭାଇଭଉଣୀ ମରିବାର ପଞ୍ଚମ ଦିନ ଥିଲା । ଏଇଦିନ କ୍ରିୟା କର୍ମ ଅଳ୍ପକରେ ହେବ ବୋଲି ମାମୁ କହୁଥିଲା । ବାପାକୁ ସେମାନେ କୁଆଡେ ଆଜି ପାଇଁ ଜେଲ୍‌ରୁ ଛାଡିଲେ ନାହିଁ । ବୁନୁକୁ ବେଶି କିଛି କରିବା ପାଇଁ ହେବ ନାହିଁ । ସଅଳ ପହଞ୍ଚିଗଲେ ଘଡିକରେ ବ୍ରାହ୍ମଣ ସାରିଦେବ । ଖାଲି ବୁନୁ ଶ୍ରଦ୍ଧରେ ବସିବ - ନନା ଯାହା କହିବେ ଟିକିଏ ଏପଟସେପଟ କରିଦେବ । ବଳବଞ୍ଚଳ ଛାଇ ଲେଉଟାଣି ଫେରି ଆସିବା, ମାମୁ ବାଟସାରା ବୁଝାଉଥିଲେ ।

ବୁନୁକୁ ତାଙ୍କ ଘର କେବେହେଲେ ଏତେ ମଇଳା, ଏକୁଟିଆ ଓ ଅଲଗା ଲାଗିନଥିଲା । ପହଞ୍ଚିବା କ୍ଷଣି ମାମୁ କ୍ରିୟା ଆରମ୍ଭ କରିବାକୁ ତରତର କଲା । ଧୀରେ ଧୀରେ ସେମାନଙ୍କୁ ଦେଖି ପାଖ ପଡିଶା ଏକାଠି ହେବାକୁ ଆରମ୍ଭ କଲେ ।

- କୂଅଟାରେ ତ ପାଣି ନଥିଲା । କ'ଣ ଦି' ହାତ ପାଣି ଆଉ ଦି' ହାତ ପଙ୍କ ଥିବ । ସେଥିରେ ଇଏ ବୁଡ଼ିଲା କେମିତି ? ପିଲାଗୁଡ଼ା ହିଁ ବୁଡ଼ି ଯାଇଥିବେ ଲାଗୁଛି, - କିଏ ଜଣେ କହିଲା ।

- ବୁଡ଼ିଥିବ କ'ଣ ଆଉ ? ବସିପଡ଼ି ମୁଣ୍ଡ ବୁଡ଼େଇ କୌଣସି ମତେ ମରିଥିବ, ଆଉ କିଏ ଉତ୍ତର ଦେଲା ।

- ନିଜେ ତ ଯାହା କଲା କଲା । ଛୁଆ ଗୁଡ଼ାଙ୍କୁ ହେଲେ ଛାଡ଼ି ଦେଇଥାଆନ୍ତା । ନିଜ ଛୁଆଙ୍କୁ କିଏ ଏମିତି ମାରେ ! କେଡ଼େ ନୃଶଂସୀ ଲୋ ମାଆ ! କାହାର ଜୋର୍ ଦୀର୍ଘଶ୍ୱାସ ଶୁଣିଲା ବୁନୁ ।

ବୁନୁ ସେମାନଙ୍କ ଆଡ଼କୁ ଚାହିଁଲା ନାହିଁ । ଡାକ ଗୋଟିକିଆ ଘର ଭିତରେ ପଶିଲା । ବୋଉର ନରମ ହାତର ସ୍ପର୍ଶ ହଠାତ୍ ମନେ ପଡ଼ିଗଲା ତା''ର – ରାତି ଅଧରେ ଉଠାଇ ତା'କୁ ଭାତ ଖୁଆଉଥିବାବେଳେ ତା'' ଲୁଗାର ବାସ୍ନା । ତା'କୁ ଲାଗୁଥିଲା, ସେ ବୁଝିପାରିବା ପରି ବୋଉ ଯେମିତି ଚିତ୍ର କରି ଯାଇଛି କାନ୍ଥସାରା -- କେମିତି ସେମାନେ ଦିନଦିନ ଉପାସ ରହିଲେ- କେମିତି ଭୋକରେ କାନ୍ଦି ଚାଲିଲେ ମାନୁ ଆଉ ସାନୁ । କେମିତି ଜରରେ ପଡ଼ିଲା ବୁନୁ । ମାଟି, ପତର, ମୂଳ ଯାହା ଯେଉଁଠୁ ପାଇଲେ ଖାଇଲେ ସେମାନେ । କେମିତି ଧାର ଚାଉଳ ବି ମିଳିଲା ନାହିଁ କୋଉଠୁ । କେମିତି ଲାଜରେ ମରିସରି ଘରେ ପଶି ରହିଲେ ସେମାନେ - କାହିଁକି ନା ତା ' ବାପା ଚୋର ବୋଲି . . . ! ହଠାତ୍ କ'ଣ ଯେମିତି ବିନ୍ଧିଦେଲା ବୁନୁର ଛାତିରେ । ବାପା ଜେଲ୍ କଲା କାହିଁକି ନା ସେ କୁକୁଡ଼ା ଚୋରି କଲା ଓ ତାକୁ ମାରିଦେଲା ବୋଲି । ଉଃ ! ତାରି ପାଇଁ ହିଁ ଏତେ ସବୁ କଥା ହେଲା ।

ବୁନୁ ଗୋଟିଏ ଗୋଟିଏ ବାହାରି ବାଡ଼ି ଆଡ଼ କୂଅ ପାଖକୁ ଗଲା । ଭିତରକୁ ଚାହିଁଲା । ଗୋଲିଆ ପଙ୍କୁଆ ଦିଶୁଛି, ପାଣି ପ୍ରାୟ ନାହିଁ – ଉଝଲା ହୋଇଛି, ପଙ୍କ ଆଖ ପାଖରେ ପଡ଼ିଛି । ଏଇ କୂଅ ଭିତରେ କ'ଣ ଅଛି ବୋଉ, ମାନୁ, ସାନୁ ଓ ବୁନୁଙ୍କର ଭୂତ ? ନା, ନା, ସେମାନେ ଭୂତ ହୋଇ ନଥିବେ । ସେମାନେ ଆତ୍ମା ହୋଇଥିବେ । ସେମାନେ ତାକୁ ଦେଖି ପାରୁଛନ୍ତି କି ? ବୁନୁ ମନେମନେ କହିଲା, ମୋତେ କ୍ଷମା କରିଦେ ବୋଉ, ମାନୁ , ସାନୁ , ବୁନୁ ସମସ୍ତେ । ମୋରି ଯୋଗୁ ଏତେ କଥା ହେଲା । ବୁନୁ ଅପେକ୍ଷା କଲା କାଳେ ଆତ୍ମା ଭିତରୁ କିଏ ତା' କଥା ଶୁଣିପାରି ଉତ୍ତର ଦେବେ ।

''ଆରେ ବୁନୁ, କୁଆଡ଼େ ଗଲୁ । ଡେଇରି କାମ ସାରିଲେ ଫେରିବା କଥା । ଅନ୍ଧାଟା ଧରିଗଲାଣି . ଏ ଛୁଆଟାକୁ କାଖେଇ କାଖେଇ । ବୁନୁ , ଆସିଲୁ ନା ନାହିଁ,'' ମାଙ୍କର ଉଚ୍ଚ ବିରକ୍ତି ସ୍ୱର ଶୁଭିଲା ଘର ଆଡ଼ୁ ।

କୂଅ ଭିତର ନିସ୍ତବ୍ଧ ଥିଲା । ଆତ୍ମାମାନେ କିଛି ଉତ୍ତର ଦେଲେ ନାହିଁ ।

''ଯାଉଛି ମାଁ ।'' ଆଉ ଥରେ କୂଅ ଭିତରକୁ ଚାହିଁ ଡୁକି ପଡ଼ିଲା ବୁନୁ । ହଠାତ୍ କାହିଁକି ଝୁଙ୍କିଗଲା ତା' କାନ୍ଧ । ଆକାଶ ପର୍ଯ୍ୟନ୍ତ ଥାକ ହୋଇ ସଜା ହୋଇଥିବା ପାପର ବୋଝକୁ ବୋହି ଝୁଙ୍କି ଗଲା ତା ' କାନ୍ଧ । ମୁଣ୍ଡ ନୁଆଁଇ ସାଢ଼େ ଦଶ ବର୍ଷର ବୁନୁ ଘର ଆଡ଼କୁ ବୋଝ ଭାରି ଗୋଟିଏ ଗୋଟିଏ ପାଦ ପକାଇଲା ।